ନୟାଗଡ଼ର ସନ୍ଦେଶ

୦୭/୦୭/୨୦୦୨

ଆମ ଘରର ହାଲ୍‌ଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ଆମ ସମ୍ବିଧାନରେ ପାଞ୍ଚବର୍ଷର ବ୍ୟବଧାନରେ ସାଧାରଣ ନିର୍ବାଚନର ବ୍ୟବସ୍ଥା ଅଛି। ଇତିମଧ୍ୟରେ ଖାଲି ପଡୁଥିବା ସ୍ଥାନ ପୂରଣ ପାଇଁ ଉପନିର୍ବାଚନ ହୋଇଥାଏ। ଉପନିର୍ବାଚନଗୁଡ଼ିକର ଫଳାଫଳ ସରକାରକୁ ସେପରି ପ୍ରଭାବିତ କରୁ ନ ଥିଲେ ମଧ୍ୟ ଅନେକଗୁଡ଼ିଏ କାରଣରୁ ଶିକ୍ଷଣୀୟ ହୋଇଥାଏ। ନବୀନବାବୁଙ୍କ ନେତୃତ୍ୱରେ ଗଠିତ ବିଜେଡି- ବିଜେପି ମେଣ୍ଟ ସରକାରକୁ ଅଢ଼େଇବର୍ଷ ହେଲାଣି। ନୟାଗଡ଼ ଉପନିର୍ବାଚନର ଫଳାଫଳକୁ ସେହି ଦୃଷ୍ଟିରୁ ନବୀନ ସରକାରଙ୍କର ଜନସାଧାରଣଙ୍କ ଦ୍ୱାରା ଏକ ମଧ୍ୟବର୍ତ୍ତୀ ସମୀକ୍ଷା ବୋଲି କୁହାଯାଇପାରେ। ଶାସନ କ୍ଷମତାକୁ ଆସିବା ପରେ ନବୀନବାବୁ ବିଧାନସଭା ପାଇଁ ତିନିଗୋଟି ଉପନିର୍ବାଚନର ସମ୍ମୁଖୀନ ହୋଇଛନ୍ତି। ତିନୋଟି ଯାକରେ ବିଜୟ ଲାଭ କରିବା ଫଳରେ ତାଙ୍କ ପ୍ରତି ଓଡ଼ିଶାବାସୀଙ୍କର ସମର୍ଥନ ଯେ ଅତୁଟ ଅଛି, ଏହା ନିର୍ବିବାଦରେ କୁହାଯାଇପାରେ। ତିନୋଟି ମଧ୍ୟରୁ ଦୁଇଟିରେ ତାଙ୍କ ଦଳ ଗତ ସାଧାରଣ ନିର୍ବାଚନରେ ବିଜୟ ଲାଭ କରିଥିଲା। ମାତ୍ର ତୃତୀୟ ଆସନ ଭଦ୍ରକକୁ ବିଜେପିର ସମର୍ଥନ ବିନା କଂଗ୍ରେସ ହାତରୁ ଛଡ଼େଇପାରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। ଭଦ୍ରକ ପରେ ପରେ ନୟାଗଡ଼ ଉପନିର୍ବାଚନରେ ନବୀନବାବୁଙ୍କର ବିଜୟ ତାଙ୍କ ନେତୃତ୍ୱକୁ ପ୍ରମାଣିତ କରିଛି। ସେହିପରି କଂଗ୍ରେସ ଦଳର ଗତ ସାଧାରଣ ନିର୍ବାଚନରେ ଶୋଚନୀୟ ପରାଜୟ ଘଟିଥିଲା। ୩୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ କଂଗ୍ରେସ ଦଳ ଏ ଆସନଟିକୁ ହରାଇଥିଲା। ଅଢ଼େଇ ବର୍ଷ ପରେ ଏହି ଉପନିର୍ବାଚନରେ କଂଗ୍ରେସର ସେହି ପୁରୁଣା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରି ଆହୁରି ୧୨ ହଜାର ଅଧିକ ଭୋଟ ପାଇବାକୁ ସକ୍ଷମ ହେଲେ। ଏହା କଂଗ୍ରେସ ପ୍ରତି ଲୋକଙ୍କର ସମର୍ଥନ ଫେରିଆସୁଥିବାର ସୂଚନା ଦେଉଛି ବୋଲି କୁହାଯାଉଛି। ଆମ ବିଚାରରେ କେବଳ ଗାଣିତିକ ହିସାବରେ ରାଜନୈତିକ ସ୍ଥିତିକୁ ସମୀକ୍ଷା କଲେ ବିଚାର ବିଭ୍ରାଟ ହେବାର ସମ୍ଭାବନା ରହିବ। ପ୍ରକୃତ ତଥ୍ୟ ଏବଂ ସ୍ଥିତିକୁ ଅଣଦେଖା କରିବାର ଏକ ନୂଆ ଅଭ୍ୟାସ ଆମ ରାଜନେତାମାନଙ୍କର ଚରିତ୍ରରେ ପରିଣତ ହୋଇଗଲାଣି। ଗତକାଲି ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ସୁଖରାମଙ୍କର ସ୍ଥିତିରୁ ଏହା ସ୍ପଷ୍ଟ ହୋଇଯାଉଛି। ଉଭୟ କଂଗ୍ରେସ ଓ ବିଜେପି ଆଜି ସୁଖରାମଙ୍କୁ କୁଷ୍ଠରୋଗୀଙ୍କୁ ଦୂରେଇ ଦେଲା ପରି ଦୂରେଇ ରଖିବାକୁ ଚାହୁଁଛନ୍ତି। ନୟାଗଡ଼ ଉପନିର୍ବାଚନର ଫଳାଫଳରେ ଆମ ନେତାମାନେ ଯେଉଁ ବିବୃତି ଏବଂ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି, ତାହା ମଧ୍ୟ ଅତ୍ୟନ୍ତ ଆମୋଦଦାୟକ। ଭୋଟ ବ୍ୟବଧାନ କାହିଁକି କମିଲା- ଏ ପ୍ରଶ୍ନର ଉତ୍ତରରେ ନବୀନବାବୁ କହିଲେ, ବର୍ଷା ଯୋଗୁଁ ଭୋଟ ବ୍ୟବଧାନ କମିଲା। ଗତ ନିର୍ବାଚନ ବେଳକୁ ବର୍ଷା ହେଉ ନ ଥିଲା। ନବୀନବାବୁ ଯେଉଁ ସ୍କୁଲ୍‌ରେ ପାଠ ପଢୁଥିଲେ, ସେଠି ବୋଧେ ଅଙ୍କ ଓ ତର୍କଶାସ୍ତ୍ରର ଶିକ୍ଷକ ଦୁର୍ବଳ ଥିଲେ। ତାହା ନ ହୋଇଥିଲେ ସେହି ବିଦ୍ୟାପୀଠରୁ ପାଠ ପଢ଼ି ଆସିଥିବା ଆଜିର ଅନେକ ରାଜନେତାମାନଙ୍କର ଏପରି ବିଚାର ବିଭ୍ରାଟ ହୁଅନ୍ତା ନାହିଁ। ଗତ ନିର୍ବାଚନରେ ୯୨ ହଜାରରୁ ଅଧିକ ଭୋଟ ପଡ଼ିଥିଲା। ସେଥିରୁ ନବୀନବାବୁଙ୍କ ଦଳ ୫୯ ହଜାର ପାଇଥିଲା। ଏହି ନିର୍ବାଚନରେ ୧ ଲକ୍ଷ ୧ ହଜାରରୁ ଅଧିକ ଭୋଟ ପଡ଼ିଲା। ସେଥିରୁ ନବୀନବାବୁ ୫୬ ହଜାର ଭୋଟ ପାଇଲେ। ଅର୍ଥାତ୍ ଭୋଟ ଦାନର ହାର ପ୍ରାୟ ୧୦ ପ୍ରତିଶତ ବଢ଼ିଥିବା ବେଳେ, ନବୀନବାବୁଙ୍କ ପ୍ରତି ସମର୍ଥନର ହାର ୫ ପ୍ରତିଶତ କମିଛି। ଏହାକୁ ଅଷ୍ଟମ ଶ୍ରେଣୀର ଯେ କୌଣସି ଛାତ୍ର ବୁଝେଇ ଦେଇପାରିବ। ପୁଣି ବର୍ଷା ପ୍ରସଙ୍ଗ ଆସିଲା କେଉଁଠୁ? ବର୍ଷା ସତ୍ତ୍ୱେ ତ ଅଧିକ ଲୋକ ଭୋଟ ଦେବାକୁ ଆସିଲେ। ବର୍ଷା ନ ହୋଇଥିଲେ ଆହୁରି ଅଧିକ ଲୋକ ଭୋଟ ଦେବାକୁ ଆସିଥାନ୍ତେ। ତା'ହେଲେ କ'ଣ ବୁଝିବାକୁ ହେବ ଯେ, ନବୀନବାବୁଙ୍କ ସହକର୍ମୀ ଓ ଅନୁଗତମାନେ ଏତେ ସୁକୁମାରିଆ ଓ ଅଳସୁଆ ଯେ, ବର୍ଷା ପାଇଁ ଭୋଟ କେନ୍ଦ୍ରକୁ ଆସିଲେ ନାହିଁ। କେବଳ ହତାଶିଆ କଂଗ୍ରେସିଆମାନେ ଆସି ଭୋଟ ପକାଇଦେଲେ। ଆମ ମୁଖ୍ୟମନ୍ତ୍ରୀ ନିଜ ଭାବମୂର୍ତ୍ତିକୁ ସଦା ଉଜ୍ଜ୍ୱଳ ରଖିବାପାଇଁ ଏତେ ଚିନ୍ତିତ ଯେ, ଆଉ କିଛି କଥା ଚିନ୍ତା କରିବା ପାଇଁ ତାଙ୍କ ପାଖରେ ସମୟ ନାହିଁ। ମନକୁ ଯେତେବେଳେ ଯାହା ଆସୁଛି, ଚିନ୍ତା ନ କରି କହିଦେଉଛନ୍ତି।

ଆମ ପ୍ରଦେଶ କଂଗ୍ରେସର ନୂଆ ସଭାପତି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କଠୁଁ ବଳି ପଡ଼ିଛନ୍ତି। ତାଙ୍କ ଦଳ କାଳେ ଭଲ ଫଳ କରିଛି ବୋଲି ସେ କହିଛନ୍ତି। ଗତ ନିର୍ବାଚନ ତୁଳନାରେ ୧୨ ହଜାର ଅଧିକ ଭୋଟ ପାଇଛନ୍ତି। ତେବେ ଏହି ୧୨ ହଜାର ଅଧିକ ଭୋଟ ପାଇବାର ରାଜନୈତିକ ରହସ୍ୟ ସମ୍ପର୍କରେ ସେ କୌଣସି ସୂଚନା ଦେଇନାହାନ୍ତି। ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ପ୍ରାୟ ୩୦ ହଜାର ଭୋଟ ପାଇଥିଲେ। ଏଥର ନିର୍ବାଚନରେ ଶତକଡ଼ା ୧୦ ଭାଗ ଅଧିକ ଭୋଟ ଦାନ ହୋଇଥିବା ଦୃଷ୍ଟିରୁ କିଛି ନ ହୋଇଥିଲେ ମଧ୍ୟ ସେ ୩୩ ହଜାର ଭୋଟ୍ ପାଇଥାନ୍ତେ। ପୁଣି ଗତ ନିର୍ବାଚନରେ ଦୁଇଜଣ ବିଦ୍ରୋହୀ କଂଗ୍ରେସ ପ୍ରାର୍ଥୀ ଥିଲେ। ସେମାନଙ୍କ ଭୋଟ୍‌କୁ ହିସାବକୁ ନେଲେ ଆଉ ୩ ହଜାର ଅଧିକ ଭୋଟ ମିଳିଛି ବୋଲି କୁହାଯାଇପାରେ। ଗତ ନିର୍ବାଚନରେ ବିଜେପି ଆଉ ବିଜେଡି ମେଣ୍ଟ କ୍ଷମତା ଲାଭ ଆଶାରେ ଅତ୍ୟନ୍ତ ଆନ୍ତରିକତାର ସହିତ କଂଗ୍ରେସ ବିରୋଧରେ ଲଢ଼ିଥିଲେ। ଏଥର କିନ୍ତୁ ବିଜେପିର ବିଜେଡି ପ୍ରତି କେତେ ଆନ୍ତରିକତା ଥିଲା ତାହା ଆମ ସମସ୍ତଙ୍କୁ ଜଣା। ଗତ ଜିଲ୍ଲା ପରିଷଦ ନିର୍ବାଚନରେ ବିଜେପି ଏକାକୀ ଲଢ଼ି ପ୍ରାୟ ୧୩ ହଜାର ଭୋଟର ଏକ ଜନାଧାର ଏହି ନିର୍ବାଚନ ମଣ୍ଡଳୀରେ ସୃଷ୍ଟି କରିପାରିଛି ବୋଲି ପ୍ରମାଣ ଦେଇଥିଲା। ଏଥିରୁ ମଧ୍ୟ କିଛି ଭୋଟ କଂଗ୍ରେସ ପ୍ରାର୍ଥୀଙ୍କୁ ମିଳିଥିବ। ଏହିସବୁ ଦୃଷ୍ଟିରୁ ବିଚାର କଲେ ଗତ ନିର୍ବାଚନ ତୁଳନାରେ ଏଥର କଂଗ୍ରେସ ପ୍ରାର୍ଥୀ ସେଭଳି କିଛି ଉଲ୍ଲେଖନୀୟ ଉନ୍ନତି କରିଛନ୍ତି ବୋଲି କହିହେବ ନାହିଁ।

ରାଜନୀତି ବିଜ୍ଞାନର ଛାତ୍ର ହିସାବରେ ରାଜନୈତିକ ଦଳମାନଙ୍କର ଯେଉଁ ପରିଭାଷା ଆମର ଶିକ୍ଷକମାନେ ଆମକୁ ପଢ଼ାଇଥିଲେ ଏବଂ ପରେ ଶିକ୍ଷକ ହିସାବରେ ଆମେ ଆମ ଛାତ୍ରମାନଙ୍କୁ ଯାହା ପଢ଼ାଇଥିଲୁ, ତାହା ଶରତବାବୁଙ୍କ ରାଜନୀତି ଦେଖି ବଦଳାଇବାକୁ ପଡ଼ିବ ବୋଲି ମନେ ହେଉଛି। ଆମେ ପଢ଼ିଥିଲୁ ଯେ, ଦୁଇରୁ ଅଧିକ ଲୋକ ଯେତେବେଳେ ଗୋଟିଏ ଆଦର୍ଶରେ ଅନୁପ୍ରାଣୀତ ହୋଇ ଏକାଠି ହୁଅନ୍ତି ଏବଂ ଏ ଆଦର୍ଶକୁ ଚରିତାର୍ଥ କରିବାପାଇଁ କ୍ଷମତା ହାସଲର ଉଦ୍ୟମ କରନ୍ତି, ସେତେବେଳେ ତାହା ରାଜନୈତିକ ଦଳ ଭାବରେ ପରିଭାଷିତ ହୁଏ। କ୍ଷମତା ହାସଲର ଲକ୍ଷ୍ୟ ନ ରହିଲେ ଏହାକୁ ରାଜନୈତିକ ଦଳ ବୋଲାଯାଇପାରିବ ନାହିଁ। ସେମାନଙ୍କୁ ବରଂ 'ଇଣ୍ଟରେଷ୍ଟ ଗ୍ରୁପ ବା 'ପ୍ରେସର୍‌ଗ୍ରୁପ ବୋଲି କୁହାଯିବ। ଆମ ଗଣତନ୍ତ୍ରରେ ନିର୍ବାଚନରେ ସର୍ବାଧିକ ଭୋଟ ପାଇବା କ୍ଷମତା ହାସଲ ପାଇଁ ଏକମାତ୍ର ସାମ୍ବିଧାନିକ ପନ୍ଥା। ଲକ୍ଷେ ଭୋଟରେ ହେଉ ବା ଗୋଟିଏ ଭୋଟରେ, ଜଣେ ହାରିବ ଓ ଆଉ ଜଣେ ଜିତିବ। ଗୋଟିଏ ଭୋଟ ବ୍ୟବଧାନରେ ହାରିଥିଲେ ମଧ୍ୟ ଜିତିବା ଲୋକଟି ପ୍ରତିନିଧି ବୋଲାଇବ। ସଂଖ୍ୟାଧିକ ଜିତିଥିବା ପ୍ରତିନିଧିଙ୍କୁ ନେଇ ସରକାର ଗଢ଼ାହେବ। ଏହା ହିଁ ଆମ ସମ୍ବିଧାନର ବ୍ୟବସ୍ଥା। ଶରତବାବୁ କିନ୍ତୁ ହାରି ମଧ୍ୟ ଭାରି ଖୁସି ଥିବାପରି ଜଣାପଡୁଛନ୍ତି। ମନେହେଉଛି, ସତେ ଯେପରି ସେ ନବୀନବାବୁଙ୍କ ବିରୋଧରେ ନ ଲଢ଼ି ଜାନକୀବାବୁଙ୍କ ବିରୋଧରେ ନିର୍ବାଚନ ଲଢୁଥିଲେ। ଜାନକୀବାବୁ ପ୍ରଦେଶ କଂଗ୍ରେସର ସଭାପତି ଥିବାବେଳେ କଂଗ୍ରେସ ଯେତିକି ଭୋଟ ପାଇଥିଲା, ତା'ଠାରୁ ଅଧିକ ଭୋଟ ପାଇଥିବାରୁ ସେ ଆନନ୍ଦିତ। ସେଥିପାଇଁ ବୋଧହୁଏ ଜାନକୀବାବୁଙ୍କୁ ମଧ୍ୟ ନିର୍ବାଚନ ପ୍ରଚାରରେ ଭାଗ ନେବାପାଇଁ ଡକାଗଲା ନାହିଁ। ପ୍ରାର୍ଥୀ ତାଙ୍କୁ ଡାକିଲେ ତାଙ୍କ ଜିଲ୍ଲା ସଭାପତି ପଦ ଚାଲିଯିବ ବୋଲି ଧମକ ଦିଆଗଲା। ଶରତବାବୁ ଯଦି ଏହି ନ୍ୟାୟରେ ସବୁ ନିର୍ବାଚନକୁ ଦେଖିବେ, ଜାନକୀବାବୁଙ୍କ ସମୟରେ ପାଇଥିବା ଭୋଟକୁ ସଫଳତାର ମାପକାଠି ଭାବରେ ବିଚାର କରିବେ, ତା'ହେଲେ ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ହୁଏତ କିଛି ଅଧିକ ଭୋଟ ପାଇଥିବ, କିନ୍ତୁ ବିଧାନସଭା ଭିତରେ କଂଗ୍ରେସର ଗୋଟିଏ ହେଲେ ବି ସଭ୍ୟ ନ ଥିବେ। ଦଳପତିମାନଙ୍କର ଏପରି ମାନସିକତା ଆମ ରାଜନୈତିକ ଅବକ୍ଷୟର ଅନ୍ୟ ଏକ କାରଣ। ନୟାଗଡ଼ ଉପନିର୍ବାଚନ ଦଳପତିମାନଙ୍କର ଏ ଦୁର୍ବଳତାକୁ ଅଧିକ ପ୍ରମାଣିତ କରୁଛି।

ଶେଷରେ ଦଳମାନଙ୍କର ଭୋଟ ଜିତିବା ପାଇଁ ସୁବିଧାବାଦୀ ଆଭିମୁଖ୍ୟ ଆମକୁ ଅଧିକ ବିବ୍ରତ କରୁଛି। ଭଦ୍ରକ ଉପନିର୍ବାଚନରେ କଂଗ୍ରେସ ଦଳ ଅନୁକମ୍ପା କଥା କହି ପ୍ରାର୍ଥୀ ଚୟନ କରିଥିବାବେଳେ ବିଜେଡି ନୟାଗଡ଼ରେ ଅନୁକମ୍ପା ହାସଲକୁ ମୁଖ୍ୟ କୌଶଳ ଭାବରେ ବ୍ୟବହାର କଲା। କେତେ ଅନୁକମ୍ପା ମିଳିଲା ସେମାନେ ହିସାବ କରି ଦେଖନ୍ତୁ। ଅନୁକମ୍ପା ଆମ ରାଜନୀତି ଓ ବିକାଶର ଆଧାର ହୋଇ ନ ପାରେ। ଆଶୀର୍ବାଦ ଓ ଅନୁକମ୍ପା କାଙ୍ଗାଳ ନେତାମାନେ ନିଜର ଦୁର୍ବଳତା ଓ ଆତ୍ମବିଶ୍ୱାସର ଅଭାବକୁ ହିଁ ପ୍ରମାଣ କରିଥାନ୍ତି। 'ସେମ୍ ସାଇଡ୍ ଗୋଲ୍'ରେ ୱାର୍ଲଡ କପ୍ ଜିତିବା ଆଶା କରିବା ଯାହା ଅନୁକମ୍ପା ବଳରେ ଭୋଟ ହାତେଇବାର ଆଭିମୁଖ୍ୟ ମଧ୍ୟ ସେଇଆ। ଏହା ଦୁର୍ବଳ ନେତୃତ୍ୱର ପରିଚାୟକ। ଦୁର୍ବଳ ନେତୃତ୍ୱରୁ ମୁକ୍ତି ନ ମିଳିଲେ ଓଡ଼ିଶାର ମୁକ୍ତି ନାହିଁ।